# ଆଜି ଆଇଆଇଟିର ୮ମ ସମାବର୍ତ୍ତନ ଉତ୍ସବ, ଯୋଗଦେବେ ଇସ୍ରୋ ମୁଖ୍ୟ ଡ. କେ. ଶିବନ

॥ ପ୍ରଭାନ୍ୟୁଜ ॥ କଟଣୀ, ୨୦।୯: କଟଣୀରେ ଅବସ୍ଥାପିତ ଥିବା ଆଇଆଇଟି ୮ମ ସମାବର୍ତ୍ତନ ଉତ୍ସବ ପାଇଁ ଚଳଚଞ୍ଚଳ ହୋଇଉଠିଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ ଇସ୍ରୋର ଅଧକ୍ଷ ଡ. କେ ଶିବନ ଯୋଗଦେବେ। । ରକେଟ୍‌ମ୍ୟାନ କେ. ଶିବନ୍ ଯେକି ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋର ମୁଖ୍ୟ ଅଟନ୍ତି । ଚନ୍ଦ୍ରଯାନ-୨ ମିଶନ୍ ସମୟରେ ସବୁଠାରୁ ଚର୍ଚ୍ଚିତ ନାମ ଥିଲା ଇସ୍ରୋ ମୁଖ୍ୟ କେ. ଶିବନଙ୍କ ନାମ । ତାମିଲନାଡୁର ଏହି ରକେଟ ବିଜ୍ଞାନୀ ୨୦୧୮ ମସିହା ଜାନୁଆରୀରେ ଇସ୍ରୋ ମୁଖ୍ୟ ଦାୟିତ୍ୱ ନେଇଥିଲେ । କନ୍ୟାକୁମାରୀ ଜିଲା ତାରାକାନ୍ଭିଲ୍ଲାଇ ଗାଁର ଏକ ଚଷୀ ପରିବାରରେ ଜନ୍ମହୋଇଥିଲେ । ସେ ଏହା ପୂର୍ବରୁ ବିକ୍ରମ ସରାଭାଇ ସ୍ପେସ୍ ସେଣ୍ଟରର ଦାୟିତ୍ୱ ନେଇଥିଲେ ।



ବେଙ୍ଗାଲୁରୁ ଆଇଆଇଏସ୍ସିରୁ ଏରୋସ୍ପେସ୍ ଇଞ୍ଜିନିୟରିଂରେ ମାଷ୍ଟର୍ସ ସାରିବା ପରେ ୨୦୦୬ରେ ଆଇଆଇଟି ବମ୍ବେରେ ପିଏଚ୍ଡି ସାରିଥିଲେ । ୧୯୮୨ରେ ସେ ଇସ୍ରୋରେ ଯୋଗଦେଇଥିଲେ । ଏହି ଅବସରରେ ୩୨ଜଣ ଡିଗ୍ରୀଧାରୀ, ୧୦୪ଜଣ ଏମଟେକ, ୬୭ଜଣ ଏମଏସି ଓ ୧୫୨ଜଣ ବିଟେକ ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରାଯିବା ସହ ବିଭିନ୍ନ ବିଭାଗରେ କୃତୀତ୍ୱ ପାଇଁ ସମ୍ମାନୀତ କରାଯିବ ବୋଲି ସ୍ଥିରୀକୃତ ହୋଇଥିବା ସୂଚନା ମିଳିଛି ।